# Akashvani, Sambalpur

## SAMBALPURI NEWS EVENING BULLETIN

## 7 August 2026-7.02- 7.12 pm.

---

୧- ଭାରତ୍‌ର ସଂସ୍କୃତି ଆଉ ସଭ୍ୟତାର୍ ଯାତ୍ରାଥି ହସ୍ତତନ୍ତ ଗୁଟେ ପ୍ରମୁଖ ଭାଗ୍ ହେଇଆସିଛେ- କହେଲେ ରାଷ୍ଟ୍ରପତି ।

- ଜାତୀୟ ହସ୍ତତନ୍ତ ଦିବସ୍ ଅବ୍‌ସରେ ଓଡ଼ିଶାର୍ ୨ ଝନ୍‌କର୍ ସହେତେ ୨୨ ଝନ୍‌କୁ କଲେ ସମ୍ମାନିତ୍ ।

୨- ଖାଦ୍ୟ ପ୍ରକ୍ରିୟାକରଣ୍‌ର କେନ୍ଦ୍ରସ୍ଥଲୀ ହେବା ରାଜ୍ୟ- ନୂଆଦିଲ୍ଲୀନ ଓଡ଼ିଶା ଫୁଡ୍ ପ୍ରୋ ସମ୍ମିଳନୀଥି ଯୋଗ୍ ଦେଇକରି କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ୧୩ ନମ୍ବର୍ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ସଫଳତାର୍ ସହେତେ ହେଇଛେ ଶେଷ୍ ।

- ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନ୍‌କର୍ ଘୋଷ୍‌ଣାପତ୍ର ସର୍ବସମ୍ମତିଥି ହେଲା ଗୃହିତ୍ ।

ହସ୍ତତନ୍ତ ଦିବସ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍‌ର ସମୃଦ୍ଧ ହସ୍ତତନ୍ତ ପରମ୍ପରା ଆଉ ବୁନ୍‌କର୍ ମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ୧୨ ନମ୍ବର୍ ହସ୍ତତନ୍ତ ଦିବସ୍ ପାଲନ୍ କରାଯାଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍ ସାଂସ୍କୃତିକ୍ କେନ୍ଦ୍ର ଠାନେ ଇ ଦିବସ୍ ପାଲନ୍ ଅବ୍‌ସରେ ଯୋଗ୍ ଦେଇକରି କହିଛନ୍, ହସ୍ତତନ୍ତ ଖାଲି ଲୋକ୍‌ମାନ୍‌କର୍ ଜୀବିକାର୍ ମାଧ୍ୟମ୍ ନୁହେଁ, ଇଟା ସାମଗ୍ରିକ୍ ବିକାଶ୍‌ର ଗୁଟେ ଶକ୍ତିଶାଳୀ ଉପକରଣ୍ ଆଏ । ଭାରତ୍‌ର ସଂସ୍କୃତି ଆଉ ସଭ୍ୟତାର୍ ଯାତ୍ରାଥି ହସ୍ତତନ୍ତ ଗୁଟେ ପ୍ରମୁଖ ଭାଗ୍ ହେଇଆସିଛେ । ହସ୍ତତନ୍ତ ଜରିଏ ଦେଶର୍ ସମୃଦ୍ଧ ଐତିହ୍ୟକେ ପ୍ରୋତ୍ସାହନ୍ ଦେବାର୍ ସହେତେ ନିଯୁକ୍ତି, ମହିଳା ସଶକ୍ତିକରଣ୍, କଳା ସଂସ୍କୃତି ଆଉ ପ୍ରକୃତି ଲାଗି ପ୍ରେମ୍‌ର ପ୍ରଚାର୍ ପ୍ରସାର୍ ହେଇପାରିଛେ । ରାଷ୍ଟ୍ରପତି କହିଛନ୍, ହସ୍ତତନ୍ତ ଶିଳ୍ପ ଅପ୍‌ନାବାର୍‌ନୁ ଦେଶେ ୩୫ ଲାଖ୍ ନୁ ଅଏତ୍‌କା ଲୋକ୍ ରୋଜ୍‌ଗାର୍ ପାଇପାରିଛନ୍ । ସେଥିର୍‌ଭିତ୍‌ରୁ ୨୫ ଲାଖ୍ ହେଉଛନ୍ ମହିଳା । ଭାରତ୍‌ର ସ୍ୱାଧୀନତା ସଂଗ୍ରାମ୍ ଆଉ ଆତ୍ମନିର୍ଭର୍‌ଶୀଲ୍ ଭାରତ୍

ଗଠନ୍‌ଥି ଭିଲ୍ ହସ୍ତତନ୍ତର ବଡ଼ ଭୂମିକା ରହିଥିଲା ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଷ୍ଟ୍ରପତି ଆଏଜ୍ ୨୦୨୫ ବଛର୍ ଲାଗି ୩ ଝନ୍‌କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର୍ ଆଉ ୧୯ ଝନ୍‌କୁ ଜାତୀୟ ହସ୍ତତନ୍ତ ପୁରସ୍କାର୍ ପ୍ରଦାନ୍ କରିଛନ୍ ।

ଇ ସମ୍ମାନ୍ ବୁନ୍‌କାର୍‌ମାନ୍‌କୁ ତାକର୍ ନବସୃଜନ ଆଉ ହସ୍ତତନ୍ତ ପରମ୍ପରାର୍ ସମୃଦ୍ଧି କ୍ଷେତ୍ରଥି ଅବଦାନ୍‌କେ ସ୍ୱିକୃତି ଦେବାର୍ ଉଦ୍ଦେଶ୍ୟଥି ଦିଆଯାଇଛେ । ରାଷ୍ଟ୍ରପତି ଇ ଅବ୍‌ସରେ ୪ ଟା ଡାକ୍ ଟିକଟ୍‌ର ଭିଲ୍ ଉନ୍ମୋଚନ୍ କରିଛନ୍ ।

ଓଡ଼ିଶାର୍ ୨ ଝନ୍ ବୁନ୍‌କର୍ ଆଏଜ୍ ରାଷ୍ଟ୍ରପତିଙ୍କର୍‌ନୁ ସମ୍ମାନ୍ ଗ୍ରହଣ୍ କରିଛନ୍ । ସନ୍ଥକବିର୍ ହସ୍ତତନ୍ତ ପୁରସ୍କାର୍ ଲାଗି ବର୍‌ଗଡ଼୍ ଜିଲ୍ଲା ଅତାବିରା ଝିଲିମିଣ୍ଡା ଗାଁର୍ ରାମ ମେହେର୍ ଆଉ ଜଗତ୍‌ସିଂହପୁର୍ ଜିଲ୍ଲାର୍ ସିଂହପୁର୍ ଗାଁର୍ ପ୍ରଫୁଲ୍ଲ କୁମାର୍ ସାହୁଙ୍କୁ ରାଷ୍ଟ୍ରପତି ପୁରସ୍କାର୍ ଦେଇଛନ୍ । ପୁରସ୍କାର୍ ପାଏଲା ଉତ୍‌ରୁ ରାମ ମେହେର୍ ତାଙ୍କର୍ ପ୍ରତିକ୍ରିୟାଥି ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ରାମ ମେହେର୍)

ଜାତୀୟ ହସ୍ତତନ୍ତ ଦିବସ୍ ଅବ୍ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ନାଗରିକ୍ ମାନ୍‌କୁ ଉସ୍‌ନାକିର୍ ସହେତେ ଇ ଦିବସ୍ ପାଲନ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ୧୯୦୫ ମସିହା ଆଝିର୍ ଦିନେ ଭାରତ୍‌ର ସ୍ୱାଧୀନତା ସଂଗ୍ରାମ୍‌ଥି ସ୍ୱଦେଶୀ ଆନ୍ଦୋଲନ୍‌ର ଶୁଭାରମ୍ଭ ହେଇଥିଲା ବଲି ଶ୍ରୀ ମୋଦୀ କହିଛନ୍ । ଇ ଅବ୍ସରେ ଦେଶର୍ ହସ୍ତତନ୍ତ କାରିଗର୍ ଆଉ ସେମାନ୍‌କର୍ ପରିବାର୍ ଲୁକ୍‌କୁ ସାହାଜ୍ କର୍‌ବାର୍ ଉଦ୍ଦେଶ୍ୟଥି ପ୍ରଧାନ୍‌ମନ୍ତ୍ରୀ ସାଧାରଣ୍ ଲୁକ୍‌କୁ ହସ୍ତତନ୍ତ ଦରବ୍‌ର ବେଭାର୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ଠାନେ ହେଇଥିବା ରାଜ୍ୟସ୍ତରୀୟ ହସ୍ତତନ୍ତ ଦିବସ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇକରି କହିଛନ୍, ଓଡ଼ିଶାର୍ ସାଂସ୍କୃତିକ୍ ପରିଚୟ ସଂରକ୍ଷଣ୍‌ଥି ବୁନ୍‌କର୍ ମାନ୍‌କର୍ ବହୁତ୍ ବଡ଼ ଭୂମିକା ରହିଛେ । ହସ୍ତତନ୍ତ ଖାଲି ଗୁଟେ କପ୍‌ଡ଼ା ନୁହେଁ, ବରଂ ଆମର୍ ଐତିହ୍ୟ, ମର୍ଯ୍ୟାଦା, ଦକ୍ଷତା ଆଉ ସ୍ୱାବଲମ୍ବନ୍‌ର ପ୍ରତୀକ ଆଏ ବଲି ରାଜ୍ୟପାଲ୍ କହିଛନ୍ ।

ଇ ଅବ୍ସରେ ରାଏଜେ ହସ୍ତତନ୍ତ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୬ ଝନ୍ ବିଶିଷ୍ଟ ବୁନ୍‌କାର୍‌ଙ୍କୁ ରାଜ୍ୟସ୍ତରୀୟ

ପୁରସ୍କାର୍ ଆଉ ୪ ଝନ୍ ବିଶିଷ୍ଟ ବୁନ୍‌କାର୍‌ଙ୍କର୍ ତନ୍ତକୃତୀ ପୁରସ୍କାର୍ ଦିଆଯାଇଛେ । ବର୍‌ଗଡ୍‌ର ବିଶିଷ୍ଟ ବୁନ୍‌କାର୍ ସୁରେନ୍ଦ୍ର ମେହେର୍‌ଙ୍କୁ ଜୀବନ୍‌ସାରା ସାଧନା ଲାଗି ସମ୍ମାନିତ୍ କରାଯାଇଛେ । ଇ ଅବ୍‌ସରେ ରାଜ୍ୟପାଲ୍ ଭିନ୍ ଭିନ୍ ପ୍ରକଳ୍ପର୍ ଭିଲ୍ ଶୁଭାରମ୍ଭ କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ବୁନ୍‌କର୍ ମାନ୍‌କର୍ ଶିଳ୍ପ ନୈପୁଣ୍ୟ, ନିଷ୍ଠା ଆଉ ସୃଜନଶୀଳତା ରାଜ୍ୟର୍ ସମୃଦ୍ଧ ହସ୍ତତନ୍ତ ପରମ୍ପରାକେ ଜାତୀୟ ମଂଚ ନ ଗୁଟେ ଖାସ୍ ସ୍ୱୀକୃତି ଦେଇଛେ ।

ବ୍ରିକ୍ସ- ଶିକ୍ଷାମନ୍ତ୍ରୀ ବୈଠକ୍        ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ନ ଆୟୋଜିତ୍ ୧୩ ନମ୍ବର୍ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ସମ୍ମିଳନୀ ଆଏଜ୍ ସଫଳତାର୍ ସହେତେ ଶେଷ୍ ହେଇଛେ । ସମ୍ମିଳନୀଥି ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନ୍‌କର୍ ଘୋଷ୍‌ଣାପତ୍ର ସର୍ବସମ୍ମତିଥି ଗୃହିତ୍ ହେଇଛେ । ସମ୍ମିଳନୀ ଉତ୍‌ରୁ ସାମ୍ବାଦିକ୍ ସମ୍ମିଳନୀକେ ସମ୍ବୋଧିତ୍ କରିକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ କହିଛନ୍,

ବ୍ରିକ୍ସ ରାଷ୍ଟ୍ରମାନ୍‌କର୍ ଅନ୍ତର୍ଭୁକ୍ତିମୂଲକ୍, ସ୍ଥିର ଆଉ ଭବିଷ୍ୟତ୍ ମୁଖୀ ଶିକ୍ଷା ବ୍ୟବସ୍ଥା ଗଠନ୍ ଲାଗି ପ୍ରତିଷ୍ଠାନ୍‌ଗତ ସହଯୋଗ୍, ଦକ୍ଷତା ବିକାଶ୍ ଆଉ ଜ୍ଞାନ୍‌ର ଦିଆନିଆକେ ଆହୁରି ବର୍‌କସ୍ କର୍‌ବାର୍‌କେ ପଡ଼୍‌ବା । ଶ୍ରୀ ଯୋଷୀ କହିଛନ୍, ବ୍ରାଜିଲ୍, ଋଷ୍, ଚୀନ୍, ଦକ୍ଷିଣ୍ ଆଫ୍ରିକା, ଇଣ୍ଡୋନେସିଆ, ଇରାନ୍, ଇଥିଓପିଆ ଆଉ ସଂଯୁକ୍ତ ଆରବ୍ ଏମିରେଟ୍ସର ଶିକ୍ଷାମନ୍ତ୍ରୀମାନେ ବୈଠକ୍‌ଥି ଯୋଗ୍ ଦେଇଥିଲେ । ଚଲ୍‌ତି ବଛର୍ ସମ୍ମିଲନୀର୍ ବିଷୟବସ୍ତୁ ସହଯୋଗ୍ ଆଉ ସ୍ଥାୟୀ ବିକାଶ୍ ଲାଗି ସ୍ଥିରତା ଆଉ ନବସୃଜନ୍’ ଥିବାର୍ ବେଲେ ଯୁଆନ୍ ବର୍ଗଙ୍କର୍ ଭାଗିଦାରୀ ଆଉ ଲୁକ୍‌କର୍ ଭିତ୍‌ରେ ପାରସ୍ପରିକ୍ ସମ୍ପର୍କକେ ଖାସ୍ ଜୋର୍ ଦିଆଯାଇଛେ । ଇ ଅବ୍‌ସରେ ମୋଡ଼େଲ୍ ବ୍ରିକ୍ସ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇକରି ଛାତ୍ରଛାତ୍ରୀମାନ୍‌କୁ କୁଟନୀତି, ବହୁପକ୍ଷ ସହଯୋଗ୍, ଆଉ ସର୍ବସମ୍ମତି ଭିତିକ୍ ନିଷ୍ପତି ପ୍ରକ୍ରିୟା ସାଙ୍ଗେ ପରିଚିତ୍ କରାଯାଇଛେ । ବୈଠକ୍‌ଥି ପ୍ରାକ୍ ଶୈଶବ ଯତନ୍ ଆଉ ଶିକ୍ଷା, ଦକ୍ଷତା ବିକାଶ୍, ଗବେଷଣା ଆଉ ଉଦ୍‌ଭାବନ୍, ଯୋଗ୍ୟତା ଆଉ ଶିକ୍ଷାଗତ ନେତୃତ୍ୱର ମାନ୍ୟତା ସହେତେ ପ୍ରମୁଖ ପ୍ରାଥମିକତା ଉପ୍‌ରେ ବିଚାର୍ ବିମର୍ଶ କରାଯାଉଛେ । ବୈଠକ୍‌ଥି ୧୧ ଟା ବ୍ରିକ୍ସ

ସଦସ୍ୟ ରାଷ୍ଟ୍ରର୍ ୮ ଝନ୍ ଶିକ୍ଷାମନ୍ତ୍ରୀ ଆଉ ୪୦ ଝନ୍ ବରିଷ୍ଠ ପଦାଧିକାରୀଙ୍କର୍ ସହେତେ ୨ ଶହ ନୁ ଅଏତ୍କା ପ୍ରତିନିଧି ଭାଗ୍ ନେଇଛନ୍ ।

ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ ସମ୍ମିଲନୀ    ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାକେ ଖାଦ୍ୟ ପ୍ରକ୍ରିୟାକରଣ୍‌ର କେନ୍ଦ୍ରସ୍ଥଳି ବନାବାର୍ ଲାଗି ସର୍କାର୍ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ ସମ୍ମିଲନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଓଡ଼ିଶା ପ୍ରାକୃତିକ୍ ଖଣିଜ ସମ୍ପଦ୍‌ଥି ଭର୍ପୁର୍ ରାଜ୍ୟ । ଏଛେନ୍ ରାଜ୍ୟର୍ ବିକାଶ୍ ଲାଗି ସର୍କାର୍ ଭିନ୍ ଭିନ୍ କ୍ଷେତ୍ରଥି ପୁଞ୍ଜିନିବେଶ୍ ଲାଗି ବିବିଧୀକରଣ୍ ଉପ୍‌ରେ ଜୋର୍ ଦେଉଛନ୍ ।

ନୀଳ ଅର୍ଥନୀତିକେ ପ୍ରୋତ୍ସାହନ୍ ଦେବାର୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଉଛେ । ୫୭୫ କିଲୋମିଟର୍ ଦୀର୍ଘ ସମୁଦ୍ରଖଁଡ଼ିର ବିକାଶ୍ ଲାଗି ଜୋର୍ ଦିଆଯାଉଛେ । ରେଲ୍‌ବାଇ ବନ୍ଦର୍ ଜରିଏ ରପ୍ତାନୀ ସହେତେ ବଜାର୍ ସୁବିଧାକେ ବର୍କର୍ କର୍ବାର୍ ଲକ୍ଷ୍ୟ

ରଖାଯାଇଛେ । କୋରାପୁଟ୍ କଫି ଦେଶେ ଖାସ୍ ପରିଚୟ ବନେଇପାରିଛେ । ଖାଦ୍ୟ ପ୍ରକ୍ରିୟାକରଣ୍ କ୍ଷେତ୍ର ଦ୍ରୁତଗତିଥି ବଢ଼୍‌ବାର୍ ସହେତେ ରୋଜ୍‌ଗାର୍ ତିଆର୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭିଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଓଡ଼ିଶାଥି ନିବେଶ୍ ଲାଗି ଉଦ୍ୟୋଗୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ଖରିଫ୍ ଧାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛର୍ ଖରିଫ୍ ଧାନ୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଟା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ସେବା ସମବାୟ ସମିତି ନାହେତ ଫୁଡ୍ ଓଡ଼ିଶା ଡଟ୍ ଇନ୍ ଥି ଚାଷୀମାନେ ନାଁ ପଞ୍ଜିକରଣ୍ କରିପାର୍‌ବେ । ଇତାର୍‌ସହେତେ ଆଧାର୍‌କାର୍ଡ଼ ଆଉ ଧାନ୍ ଜମିର୍ ତଥ୍ୟ ଦେଇକରି ଭିଲ୍ ନାଁ ପଞ୍ଜିକରଣ୍ କରାଯାଇପାର୍‌ବା । ରାଜ୍ୟ ସର୍‌କାର୍ ଆଏବା

ନଭେମ୍ବର୍ ୧ ତାରିଖ୍‌ନୁ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଧାନ୍ ଘିନା ଲାଗି ଲକ୍ଷ୍ୟ ଧାରିଜ୍ କରିଛନ୍ ।

ଛତିଶ୍‌ଗଡ୍ ରାଜ୍ୟପାଲ୍ -ସମ୍ବଲ୍‌ପୁର୍      ସମ୍ବଲପୁର ସମ୍ବାଦଦାତା

ଛତିଶ୍‌ଗଡ୍ ରାଜ୍ୟପାଲ୍ ରମନ୍ ଡେକା ୨ ଦିନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ମା ସମଲେଶ୍ୱରୀ ମନ୍ଦିର୍‌କେ ଯାଇକରି ପହେଲା ମାଙ୍କର୍ ଦର୍ଶନ୍ କରିଛନ୍ । ତା'ର ଉତ୍‌ରୁ କଚ୍‌ରୀ ଛକ୍ ନ ଥିବା ଅହମିଆ କବି ଲକ୍ଷ୍ମୀନାଥ ବେଜ୍‌ବରୁଆଙ୍କର୍ ସାଧନା ଘର୍ ପରିଦର୍ଶନ୍ କରିଛନ୍ । ବେଜବରୁଆଙ୍କର୍ ସାଧନା ଘର୍ ସୁରକ୍ଷିତ୍ ଥିବାର୍ ନେଇକରି ସେ ଖୁସି ଜାହିର୍ କରିଛନ୍ । ଇତାର୍‌ସହେତେ ମହାନଦୀ ଜଲ୍‌ବିବାଦ୍, ଦିଆଲୀ ଆଘୋନୁ ଶେଷ୍ ହେବା ବଲି ଛତିଶ୍‌ଗଡ୍ ବିଜେପି ବିଧାୟକ୍ କହିଛନ୍ ।

ବୌଦ୍ଧ-ସମୀକ୍ଷା ବୈଠକ୍      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଚଲ୍‌ତି ଖରିଫ୍ ଋତୁ ଲାଗି ଜିଲ୍ଲା କୃଷି ରଣନୀତି କମିଟିର୍ ଗୁଟେ ସମୀକ୍ଷା ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଚାଷୀମାନ୍‌କର୍ କମାନି ବଢ଼ାବାର୍ ଆଉ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା ।

ସାଧାରଣ୍ ସୁବିଧା କେନ୍ଦ୍ର        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ଭିତର୍‌ପଦର୍ ଠାନେ ସ୍ଥାନୀୟ ଢୋକ୍‌ରା ଶିଳ୍ପୀମାନ୍‌କର୍ ଲାଗି ସାଧାରଣ୍ ସୁବିଧା କେନ୍ଦ୍ରକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ କେନ୍ଦ୍ର ନ ଆଧୁନିକ୍ ଯନ୍ତ୍ରପାତି କାର୍ଯ୍ୟଶାଳା ଆଉ ଉତ୍ପାଦନ୍ ଘର୍ ରହିଛେ । ଇ ଅବ୍‌ସରେ ସ୍ଥାନୀୟ ଶିଳ୍ପୀ ଆଉ କାରିଗର୍ ମାନେ ତିଆର୍ କରିଥିବା ଭିନ୍ ପାରମ୍ପରିକ୍ କଳାକୃତିର ବିକ୍ରି, କାରିଗର୍‌ମାନ୍‌କର୍ ନୂଆଁ ଡିଜାଇନ୍ ଆଉ ଗୁଣାତ୍ମକ ମାନବୃଦ୍ଧି ବାବ୍‌ଦେ ଜିଲ୍ଲାପାଲ୍ ଆଲୋଚନା କର୍‌ବାର୍ ସହେତେ ପ୍ରଶଂସା କରିଛନ୍ ।

ଏସ୍.ଆଇ.ଆର          ବୌଦ୍ଧ ସମ୍ବାଦଦାତା

ରାଏଜେ ଚାଲିଥିବା ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍.ଆଇ.ଆର୍ କାର୍ଯ୍ୟକ୍ରମ୍‌ର ୩ ନମ୍ବର୍ ଖେପ୍ ସମୀକ୍ଷା ବୈଠକ୍ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ହେଇଯାଇଛେ । ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ରାଜନୈତିକ୍ ଦଲ୍‌ର ପ୍ରତିନିଧି ମାନେ ଯୋଗ୍‌ଦେଇକରି ଏସ୍‌ଆଇଆର୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଛେ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆଉ ତାକେ ଲାଗିକରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ହେଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ବର୍ଷା ଲାଗି ରହିଛେ ।

ଆସନ୍ତା ୨୪ ଘଂଟା ଭିତ୍‌ରେ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ଜିଲ୍ଲାର୍ ନର୍ଲା ଠାନେ ସବୁନୁ ଅଏତ୍‌କା ଶହେ ୩୧ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।